# Akashvani, Sambalpur

## SAMBALPURI NEWS EVENING BULLETIN

## 7 March 2025- 7.02 pm- 7.12 pm.

*********************************************

୧- ଜନଔଷଧୀ ଯୋଜ୍ନା ସୁସ୍ଥ ଭାରତ୍ ଗଠନ୍ ଦିଗେ ସର୍କାର୍ଙ୍କର୍ ପ୍ରତିବଦ୍ଧତା ଦର୍ଶଉଛେ- କହେଲେ ପ୍ରଧାନ୍ମନ୍ତ୍ରୀ ।

୨- ବିଧାନ୍ସଭା ବଜେଟ୍ ଅଧିବେଶନ୍ର ୨ ନମ୍ବର୍ ଖେପ୍ ଆଏଜ୍ଠାନୁ ହେଲା ମୁଳ୍ ।

- ଭିନ୍ ଭିନ୍ ବିଭାଗ୍ର ସ୍ଥାୟୀ କମିଟିର୍ ୩୯ ଟା ରିପୋର୍ଟ ହେଲା ଉପସ୍ଥାପିତ୍ ।

୩- ରାଜ୍ୟବାସୀଙ୍କର୍ ସୁରକ୍ଷା ଉପ୍ରେ ପୁଲିସ୍ ଧ୍ୟାନ୍ ଦେବାର୍ ଆବଶ୍ୟକ -କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ରାଏଜେ ଆଏବା ୪ ଦିନ୍ ଭିତ୍ରେ ୩ ନୁ ୪ ଡିଗ୍ରୀତକ୍ ବଢ଼୍ବା ତାତି- ଅନୁମାନ୍ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ଜନଔଷଧୀ ଦିବସ ପାଳିତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାସ୍ଥ୍ୟସେବାକେ ସମ୍‌କର୍ ପାଖେ ପୁହୁଁଚାବାର୍ ଲାଗି ସର୍‌କାର୍ କମ୍ ଦାମ୍‌ଥି ଉଷୋ ଯୁଗେଇ ଦଉଛନ୍ । ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଝିର୍ ଦିନ୍‌କେ ଜନଔଷଧୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ସର୍‌କାର୍ ଦେଶର୍ ଭିନ୍ ଭିନ୍ ଠାନେ ୧୫ ହଜାର୍‌ନୁ ଅଏତ୍‌କା ଜନଔଷଧୀ କେନ୍ଦ୍ର ଜରିଏ ଲୁକ୍‌କୁ ବଜାର୍ ଦାମ୍‌ନୁ ୫୦ ନୁ ୮୦ ପ୍ରତିଶତ୍ ତକ୍ କମ୍ ଦାମ୍‌ଥି ଉଷୋ ଯୁଗେଇ ଦଉଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ଜନଔଷଧୀ ଦିବସ୍ ଲୁକ୍‌କୁ ସର୍ବାଧିକ୍ ଗୁଣାତ୍ମକ୍ ଆର୍ ଠିକ୍ ଦାମ୍‌ଥି ଉଷୋ ଯୁଗାବାର୍ ଆର୍ ସୁସ୍ଥ ଭାରତ୍ ଗଠନ୍ ଦିଗେ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ସେ କହିଛନ୍, ଜନଔଷଧୀ ମୋଡ଼େଲ୍ ସାରା ପୁର୍‌ଥିକେ ତହଁକଉଛେ । ଇତାର୍ ଜରିଏ କମ୍ ଦାମ୍‌ଥି ଭଲ୍ ଉଷୋ ଲୁକ୍‌କୁ ଦିଆଯାଇପାରୁଛେ ।

ଇ ବାବ୍‌ଦେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଜନଔଷଧୀ ପରିଯୋଜନା ସ୍ୱାସ୍ଥ୍ୟସେବା ଦିଗେ ଗୁଟେ ଯୁଗାନ୍ତକାରୀ ପରିବର୍ତ୍ତନ୍ ଆନିଛେ ବଲି କହିଛନ୍ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ          ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଗୃହକାର୍ଯ୍ୟ ମୁଲ୍ ହେଉନ୍‌ସାର୍ ବିରୋଧୀ ଦଲ୍ ବିଜେଡ଼ି ଆଉ କଂଗ୍ରେସ୍ ର ସଦସ୍ୟମାନେ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ହୋହଲ୍ଲା କରିଥିଲେ । ବିରୋଧୀଙ୍କର୍ କିର୍ଲାଗଗା ଭିତ୍‌ରେ ଆଏଜ୍ ଉପର୍‌ବେଲା ବିଧାନ୍‌ସଭା ନ ଭିନ୍ ଭିନ୍ ବିଭାଗ୍‌ର ସ୍ଥାୟୀ କମିଟିର୍ ୩୯ ଟା ରିପୋର୍ଟ ଉପସ୍ଥାପିତ୍ ହେଇଛେ । ଇତାର୍ ଉତ୍‌ରୁ ୪ ବାଜିକରି ୨୬ ମିନିଟ୍‌ଥି ବାଚସ୍ପତି ଗୃହକେ ଆଏବା ସୋମ୍‌ବାର୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ଇତାର୍ ଆଘୋନୁ ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ମାତରକ ୨୦ ମିନିଟ୍ ଗୃହ ଚାଲ୍‌ଲା ଉତ୍‌ରୁ ବିରୋଧୀଙ୍କର୍ ହୋହଲ୍ଲା ଦେଖିକରି ବାଚସ୍ପତି ସୁରମା ପାଢ଼ୀ ଗୃହକେ ୧୦ ବାଜିକରି ୩୬ ମିନିଟ୍‌ନୁ ୧୨ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ତାର୍ ଉତ୍‌ରୁ ବିଜେଡ଼ି ବିଧାୟକ୍‌ମାନେ ବିଧାନ୍‌ସଭା ପରିସର୍ ନ ଥିବା ବିଜୁ ପଟ୍ଟନାୟକ୍‌ଙ୍କର୍ ପ୍ରତିମୂର୍ତି ତଲେ ଧାରଣା ଦେଇଥିଲା ବେଲେ କଂଗ୍ରେସ୍ ବିଧାୟକ୍‌ମାନେ ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂତି ତଲେ ଧାରଣା ଦେଇଥିଲେ । ୧୨ ବଜେ ଗୃହ କାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ବିରୋଧୀ ସଦସ୍ୟମାନେ ଫେର୍ କିର୍ଲାଗଗା କର୍‌ବାର୍‌ନୁ ବାଚସ୍ପତି ୧୨ ବାଜିକରି ୧୪ ମିନିଟ୍‌ନୁ ଉପର୍‌ବେଲାର୍ ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ମୁଖ୍ୟମନ୍ତ୍ରୀ- ନୂଆଁ ଥାନା କୋଠା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ନୂଆପଲ୍ଲୀ ଥାନାର୍ ନୂଆଁ କୋଠା ସହେତେ ରାଜ୍ୟର୍ ୧୪ ଟା ଥାନାର୍ ନୂଆଁ କୋଠାକେ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ ।

ସେ ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ଟାଉନ୍ ଥାନାର୍ ନୂଆଁ କୋଠା ଭିଲ୍ ରହିଛେ । ଇ ନୂଆଁ ଥାନା କୋଠା ନ ଉନ୍ନତ୍ ରେକର୍ଡ଼ ରୁମ୍, ମାଲ୍‌ଖାନା, ଅପରାଧ୍ ନିୟନ୍ତ୍ରଣ୍ କକ୍ଷ ବାଗିର୍ ଭିନ୍ ଭିନ୍ ସୁବିଧା ଅଛେ । କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ଲୋକସଭା ସାଂସଦ୍ ମାଳବିକା ଦେବୀ, ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍, ଜିଲ୍ଲାପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଲ୍ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଫି’ ଲୁକ୍‌କର୍ ସୁରକ୍ଷା ସହେତେ ଗରିବ୍, ମହିଳା ଆର୍ ପିଲାମାନ୍‌କର୍ ସୁରକ୍ଷା ଉପ୍‌ରେ ପୁଲିସ୍‌କେ ଖାସ୍ ଧ୍ୟାନ୍ ଦେବାର୍ ଦର୍‌କାର୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ନ ଆଏଜ୍ ୮ ନମ୍ବର୍ ବେଚ୍ ଆରକ୍ଷୀ ଉପ ଅଧୀକ୍ଷକ ଆର୍ ୧୨ ନମ୍ବର୍ ବେଚ୍ ଉପ ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀ ମାନ୍‌କର୍ ଦୀକ୍ଷାନ୍ତ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ପୁଲିସ୍‌ର ଆଧୁନିକ୍‌କରଣ୍ ଆର୍ ପୁଲିସ୍ ବ୍ୟବସ୍ଥାର୍ ସଂସ୍କାର୍ ଦିଗେ ସର୍‌କାର୍ ସବୁବେଲେ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ- ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ସମ୍ବଲ୍‌ପୁର୍ ଗସ୍ତ ଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ସଞ୍ଜ୍‌ବେଲେ ସିନ୍ଦୁର୍‌ପଙ୍କ୍ ଯାଇକରି ଜନଔଷଧୀ ଦିବସ୍ ଅବ୍‌ସରେ ଗୁଟେ ଜନଔଷଧୀ ଦୁକାନ୍‌କେ ଶୁଭାରମ୍ଭ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମହିଳା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର/ ବୌଦ୍ଧ/ ଦେବ୍‌ଗଡ୍

ସମାଜ୍‌ଥି ପୁରୁଷ୍ ପ୍ରଧାନ୍ ମାନ୍‌ସିକ୍‌ତାଠାନୁ ଉପ୍‌ରେ ରହିକରି ଆଏଜ୍ ସବୁକ୍ଷେତ୍ର ନ ମହିଳାମାନେ ନେତୃତ୍ୱ ନଉଛନ୍ । ମହିଳାମାନଙ୍କର୍ ଅଦମ୍ୟ ଶକ୍ତିକେ ଶୁର୍‌ତା କରି କରି ସେମାନକର୍ ଉସାହକେ ତହଁକାବାର୍ ଲାଗି ଫି ବଛର ମାର୍ଚ୍ଚ ୮ ତାରିଖ ଦିନ ସାରା ପୁର୍‌ଥିନ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳନ୍ କରାଯାଉଛେ ।

ନାରୀର୍ ପ୍ରତିଭାକେ ସୁଯୋଗ୍ ମିଲ୍‌ଲେ ଉଡ୍‌ବାର୍ ଲାଗି ଖୁଲା ଆକାଶ୍ ଭିଲ୍ ଛୋଟ୍ ପଡ଼ିଯାଏସି । ଇ କଥାକେ ପ୍ରମାଣ କରି ଦେଖେଇଛନ୍ ଦେବଗଡ଼ ଜିଲ୍ଲାର ଝି’ ରଶ୍ମିତା ମିଞ୍ଜ । ନିଜର୍ ପ୍ରତିଭା ବଲେ ରଶ୍ମିତା ଆଏଜ୍ ଅନ୍ତର୍ଜାତୀୟ ସ୍ତରର୍ ହକି ଖେଲାଲୀର୍ ମାଏନ୍‌ତା ପାଇପାରିଛନ୍ ।

(ଭଏସ୍ ଓଭର-ଦେବ୍‌ଗଡ଼୍ - ରଶ୍ମିତା ମିଞ୍ଜ)

ସେନ୍ତା ଝନେ ଗୃହିଣୀ ହେଲେ ଭିଲ୍ ଘରେ ବସିକରି ନିଜେ ଆତ୍ମନିର୍ଭର୍ ହେବାର୍ ସହେତେ ଆଖର୍‌ପାଖର ଗାଁମାନକର୍ ହଜାର୍ ହଜାର ମହିଳାଙ୍କୁ ସିଲେଇ ଶିଖେଇକରି ସ୍ୱାବଲମ୍ବୀ କରେଇଛନ୍ ବୌଦ୍ଧର ଜୟନ୍ତୀ ଷଡ଼ଙ୍ଗୀ । ୩୮ ବଛର୍ ହେଲାନ ସେ ନିରନ୍ତର୍ ଏନ୍ତା ସେବା ଯୁଗାବାର୍ ସହେତେ ନାରୀ ସଶକ୍ତୀକରନ୍‌ର ଗୁଟେ ଭିନେ ଉଦାହରନ୍ ସାଜିଛନ୍ ।

(ଭଏସ୍ ଓଭର୍- ବୌଦ୍ଧ-ଜୟନ୍ତୀ ଷଡ଼ଙ୍ଗୀ)

ରାଜ୍ୟ ସର୍କାର୍- ମେଟା ରାଜିନାମା I&PR

ୱାଟ୍ସ୍ଅପ୍ ଜରିଏ ଜନମ୍, ମୃତ୍ୟୁ, ଆୟ ପ୍ରମାଣ୍ପତ୍ର ପାଏବାର୍ ସହେତେ ଡ୍ରାଇଭିଂ ଲାଇସେନ୍ସ, ସାର୍ ଉଷୋ ଲାଇସେନ୍ସ ଲାଗି ଆବେଦନ୍ ବାଗିର୍ ୪ ଶହ ୨୯ ଟା ସର୍କାରୀ ସେବା ଯୁଗାବାର୍ ଲାଗି ଆଏଜ୍ ରାଜ୍ୟ ସର୍କାର୍ ଆର୍ ସୋସିଆଲ୍ ନେଟ୍ୱର୍କିଂ କମ୍ପାନୀ 'ମେଟା' ଭିତ୍ରେ ଗୁଟେ ରାଜିନାମା ସ୍ୱାକ୍ଷରିତ୍ ହେଇଛେ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଉପସ୍ଥିତିନ ଆଏଜ୍ ରାଜ୍ୟ ସର୍କାର୍ ଆର୍ 'ମେଟା' ଭିତ୍ରେ ଇ ରାଜିନାମା ସ୍ୱାକ୍ଷରିତ୍ ହେଇଛେ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ- ସମୀକ୍ଷା ଭୁବ୍ନେଶ୍ୱର୍

ସମ୍ବାଦଦାତା

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ରାଏଜେ ଖରାର ମୁକାବିଲା ତୟାରି ବିଷେ ସମୀକ୍ଷା କରିଛନ୍ । ଆଏବା ଖରାଦିନେ ପାନିର୍ ଯେନ୍ତା ଅଭାବ୍ ନାଇଁ ହେବା, ଅଚଲ୍ ନଲ୍କୂଆଁ ମାନ୍କୁ ସଜାବାର୍ ସହେତେ ୨୪ ଘଂଟିଆ ନିୟନ୍ତ୍ରଣ୍ କକ୍ଷ ଖୁଲ୍ବାର୍ ଆଉ ଲୋକ୍ମାନ୍କର୍ ଅଭିଯୋଗ୍ର ତୁର୍ତି ସମାଧାନ୍

କର୍‌ବାର୍ ଲାଗି ବୈଠକ୍‌ଥି ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଖରାର୍ ମୁକାବିଲା ଲାଗି ବିଭାଗ୍ ତରଫୁ ଜାରି କରାଯାଇଥିବା ନିର୍ଦ୍ଦେଶ୍‌ନାମାକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଜିଲ୍ଲାପାଲ୍, ଏସ୍.ପି. ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ଠାନେ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବାର୍ ବୈଠକ୍‌ଥି ନୂଆଁ ଅପରାଧୀକ୍ ଆଇନ୍‌ର କାର୍ଯ୍ୟକାରିତା, ମାଓ ଇଲାକା ନ ଥିତି ଆର୍ ଗ୍ରାମୋଦୟ ଯୋଜ୍‌ନାର୍ କାର୍ଯ୍ୟକାରିତା, ଲଘୁ ଖଣିଜ ପଦାର୍ଥର ବେଆଇନ୍ ଖନନ ଆର୍ ପରିବହନ୍ ରୁକ୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍ ବାବ୍‌ଦେ ଆଲୋଚନା ହେଇଛେ । ଇତାର୍‌ସହେତେ ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ଜାତୀୟ ସମ୍ମିଳନୀ ଆଉ ଡିଜିପି-ଆଇଜିପି ସମ୍ମିଳନୀର୍ ନିଷ୍ପତି ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଥିଲା ।

ଜନଔଷଧୀ ଦିବସ ପାଳିତ ବଲାଙ୍ଗିର/କଲାହାଣ୍ଡି/ସୁବର୍ଣ୍ଣପୁର

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ଼୍ ଠାନେ ଜନଔଷଧୀ ଦିବସ୍ ଦିବସ୍ ପାଲିତ୍ ହେଇଯାଇଛେ । ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଇଥି ଯୋଗ୍ ଦେଇକରି ପ୍ରଧାନ୍ମନ୍ତ୍ରୀ ଜନଔଷଧୀ କେନ୍ଦ୍ର ନ ଉନ୍ନତ୍ ମାନର୍ ଉଷୋ ମିଲିପାରୁଛେ ବଲି କହିଛନ୍ ।

ସେନ୍ତା କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ଭିଲ୍ ଆଏଜ୍ ଜନଔଷଧୀ ଦିବସ୍ ପାଲିତ୍ ହେଇଯାଇଛେ । ଭବାନୀପାଟ୍ନା ନ ଜନଔଷଧୀ କେନ୍ଦ୍ର ଖୁଲ୍ବାର୍ ଉତ୍ରୁ ଇତାର୍ ଲାଭ୍ ବାବ୍ଦେ ଝନେ ହିତାଧିକାରୀ ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍....

(ଭଏସ୍ ଓଭର୍-ସଞ୍ଜିବ ରଥ)

ସେନ୍ତା ସୁବର୍ଣ୍ଣପୁର୍ ଜନଔଷଧୀ କେନ୍ଦ୍ରଠାନେ ଜନଔଷଧୀ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍ ଯୋଗ୍ ଦେଇକରି ଲାଭାର୍ଥୀମାନ୍କର୍ ସାଙ୍ଗେ ଯୋଜ୍ନା ବାବ୍ଦେ କଥାବାର୍ତା ହେଇଥିଲେ ।

ସୁଭଦ୍ରା ଦୀପ ଆର୍ଏନ୍ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍ନାଥି ହିତାଧିକାରୀଙ୍କର୍ ସଂଖ୍ୟା ୧ କୋଟି ପାର୍ କର୍ବାର୍ ଉତ୍ରୁ ଯୋଜ୍ନାର୍ ସଫଲତାକେ ନେଇକରି ଆଏଜ୍ ସଞ୍ଜ୍ବେଲେ ଘରେ ଘରେ ସୁଭଦ୍ରା ଦୀପ

ଜଲାଯାଉଛେ । 'ଗୁଟେ ସୁଭଦ୍ରା, ଗୁଟେ ଦୀପ୍' ଜାଲ୍‌ବାର୍ ଲାଗି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଆହ୍ୱାନ୍ ଦିଆଯାଇଥିଲା ।

ମହିଲା ଦିବସ୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଲା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଯୋଗ୍ ଦେଇକରି ମହିଲା ସଶକ୍ତିକରଣ୍ ସଙ୍ଗେ ମହିଳାମାନ୍‌କର୍ ଆର୍ଥିକ୍ ଉନ୍ନତି କର୍‌ବାର୍ ଉପ୍‌ରେ ଆହ୍ୱାନ୍ ଦେଇଥିଲେ । ଇଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ମହିଳାମାନ୍‌କର୍ ଶିକ୍ଷା, ଅଧିକାର୍, ମାନସିକ ସ୍ୱାସ୍ଥ୍ୟ, ଆଉ ଦକ୍ଷତା ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ସଫଲ୍ ହେଇଥିବା ମହିଲା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ଅନ୍ତର୍ଜାତୀୟ ମହିଲା ଦିବସ-ପଥପ୍ରାନ୍ତସଭା        ବଲାଙ୍ଗିର୍

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ଼୍ ସମନ୍ୱିତ ଶିଶୁ ବିକାଶ୍ ପ୍ରକଳ୍ପ ତର୍ଫୁ ଗଡଭିତର ଠାନେ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ ପଥପ୍ରାନ୍ତ ସଭା ହେଇଯାଇଛେ । ପାଟ୍ନାଗଡ଼୍ ଏବିଡିଓ ମେନକା ମେହେର୍, ସିଡ଼ିପିଓ ପ୍ରଭାସିନୀ ନାୟକ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ମହିଳା ସଶକ୍ତିକରଣ୍ ବାବ୍ଦେ କହିଥିଲେ । ବାଦ୍ ପଡ଼ିଥିବା ହିତାଧିକାରୀମାନେ କେନ୍ତାକରି ସୁଭଦ୍ରା ଯୋଜ୍ନାଥି ଜୁଡ଼ି ହେଇପାର୍ବେ ସେ ବାବ୍ଦେ ସମ୍କୁ ବୁଝେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ରାଏଜେ ଆଏବା ୪ /୫ ଦିନ୍ ଭିତ୍ରେ ଦିନର୍ ତାପମାତ୍ରା ୩ ନୁ ୪ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ରାତିର୍ ତାପମାତ୍ରା ଭିଲ୍ ୨ ନୁ ୩ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ମାଲ୍କାନ୍ଗିରି ନ ୩୬ ଦଶ୍ମିକ୍ ୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଚେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ଝାର୍ସୁଗୁଡ଼ା ଆର୍ ବୌଦ୍ଧ ନ ୩୬ ଦଶ୍ମିକ୍ ୨, ସୁନ୍ଦର୍ଗଡ଼୍ ନ ୩୫ ଦଶ୍ମିକ୍ ୭, ବଲାଙ୍ଗିର୍ ନ ୩୫ ଦଶ୍ମିକ୍ ୨ ଆର୍ ସମ୍ବଲ୍ପୁର୍ ନ ୩୫ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।